# ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବୌଦ୍ଧ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ , ବୌଦ୍ଧଙ୍କ ଅଧିନରେ ୫ ଗୋଟି ଚତୁର୍ଥ ଶ୍ରେଣୀ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଅଛନ୍ତି । ତଦନୁଯାୟୀ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ନିମିତ୍ତ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି(ST) | ୦୧ | ୦ | ୦୧ |
| ୨ | ଅନୁସୂଚିତ ଜାତି(SC) | ୦ | ୦ | ୦ |
| ୩ | ଅଣ ସଂରକ୍ଷିତ ଜାତି(UR) | ୦୩ | ୦୧ | ୦୪ |
| | ମୋଟ | ୦୪ | ୦୧ | ୦୫ |

ପ୍ରକାଶ ଥାଉକି କୌଣସି ବର୍ଗର ମହିଳା ପ୍ରାର୍ଥୀନୀ ନମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ପଦବୀକୁ ପୂରଣ କରାଯିବ । ଚୁକ୍ତି ଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଯୋଗ୍ୟତା :-(କ)** ପ୍ରାର୍ଥୀ ଓ ପ୍ରାର୍ଥୀନୀ ଓଡିଶା ସରକାରଙ୍କର ସ୍ୱିକୃତି ପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

(ଖ) ଜାତୀୟ ଗୋମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନସ୍ତ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅନ୍ୟୁନ ୩ ବର୍ଷର ଅଭିଜ୍ଞତା ରହିଥିବା

(ଗ)ଓଡିଆ ଭାଷା କହି, ପଢି ଓ ଲେଖି ପାରୁଥିବେ ।

(ଘ)ଉତ୍ତମ ଚରିତ୍ର ବାନ ହୋଇଥିବେ ।

(ଙ) ବିବାହିତ ହେଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମୀ/ସ୍ତ୍ରୀ ନଥିବେ ।

(ଚ) ବୌଦ୍ଧ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ବୟସ ସୀମା : ପ୍ରାର୍ଥୀ ଓ ପ୍ରାର୍ଥୀନୀ ତା ୦୧.୦୧.୨୦୧୮ ସୁଦ୍ଧା ୧୮ ବର୍ଷରୁ କମ୍ ଓ ୩୨ ବର୍ଷରୁ ଅଧିକ ହୋଇନଥିବେ । ସଂରକ୍ଷିତ ବର୍ଗର ପ୍ରାର୍ଥି ଓ ପ୍ରାର୍ଥିନିଙ୍କର ସର୍ବୋଚ୍ଚ ବୟସ ସୀମା ପାଞ୍ଚବର୍ଷ କୋହଳ କରାଯିବ । ଗୋମିତ୍ର ପ୍ରାର୍ଥି ଓ ପ୍ରାର୍ଥିନି ମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୦୧.୦୧.୨୦୧୮ ସୁଦ୍ଧା ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

ଶାରିରୀକ ଯୋଗ୍ୟତା : (କ) ପ୍ରାର୍ଥି ଓ ପ୍ରାର୍ଥିନୀଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ସ୍ୱାସ୍ଥ୍ୟ ଥିବ ଓ କୌଣସି ଶାରିରୀକ ତ୍ରୁଟି ନଥିବ ।

ଖ) ଉଚ୍ଚତା ୫ଫୁଟରୁ କମ୍ ହୋଇନଥିବା ପୁରୁଷମାନଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତିର ଚଉଡା ୩୦ଇଞ୍ଚ ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥୀନି ମାନଙ୍କର ଛାତିର ମାପ ନିଆଯିବ ନାହିଁ ।

ଗ)ପ୍ରାର୍ଥୀ/ପ୍ରାର୍ଥୀନୀ ସାଇକେଲ ଚଳାଇ ପାରୁଥିବେ ।

ଚୟନ ପ୍ରଣାଳୀ:ଚୟନ ପ୍ରଣାଳୀରେ ମୋଟ୧୦୦ନମ୍ବର ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତ୍ରିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହାକି NPCBB ଅଧିନରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନିବର୍ଷର ଅଭିଜ୍ଞତା ପାଇଁ ୩୦ନମ୍ବର ଓ ତା ପରବର୍ତ୍ତୀ ପ୍ରତି ଏକବର୍ଷର ଅଭିଜ୍ଞତା ନିମନ୍ତେ ୫ନମ୍ବର ଲେଖାଏଁ (ସର୍ବାଧିକ ସୀମା ୫୦) ପ୍ରଦାନ କରାଯିବ ।

ଅବଶିଷ୍ଟ ୫୦ନମ୍ବର ପାଇଁ ଓଡିଆ ଭାଷାରେ ଲେଖିପଢି ଜାଣିଥିବାର ଲିଖିତ ପରୀକ୍ଷା କରାଯିବ । ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବୌଦ୍ଧଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୧.୦୧.୨୦୧୯ ଉକ୍ତ ସମୟ ସୀମା ପରେ ପହଞ୍ଚିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥୀନି ବ୍ୟକ୍ତିଗତ ଭାବେ କିମ୍ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ । ଲଫାପା ଉପରେ "ଚୁକ୍ତି ଭିତ୍ତିକ ଚତୁର୍ଥ ଶ୍ରେଣୀ ପଦବୀ ନିମନ୍ତେ ଦରଖାସ୍ତ" ଲେଖାଯିବା ଆବଶ୍ୟକ ।

ଜିଲ୍ଲାପାଳ, ବୌଦ୍ଧଙ୍କ ଆଦେଶକ୍ରମେ

ସ୍ୱା:-

ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବୌଦ୍ଧ

# ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଖାଲିଥିବା ୫ ଗୋଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନର ଶେଷ ତାରିଖ ୨୧.୦୧.୨୦୧୯ ଅପରାହ୍ନ ୫ଟା । ଆବେଦନକାରୀ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମର ନମୁନା ନିମ୍ନଲିଖିତ ଜିଲ୍ଲା ୱେବ୍‌ସାଇଟ୍‌କୁ ଯାଇ ଡାଉନ୍‌ଲୋଡ୍ କରିପାରିବେ ।

Web Site

boudh.nic.in

ସ୍ୱା:-

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବୌଦ୍ଧ

# ଦରଖାସ୍ତ ଫର୍ମ

୧. ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ନାମ:

୨. ପୁରୁଷ/ମହିଳା:

୩. ପିତା/ସ୍ୱାମୀଙ୍କ ନାମ:

୪. ବିବାହିତ/ଅବିବାହିତ :

୫. ସ୍ଥାୟୀ ଠିକଣା : ଗ୍ରାମ .................... ପୋ.ଅ :..................ଭାୟା :..................

ଥାନା : ................. ଜିଲ୍ଲା :.................... ପିନ ନଂ:.................

୬. ଯୋଗା ଯୋଗ ଠିକଣା :

ଗ୍ରାମ .................... ପୋ.ଅ :..................ଭାୟା :..................

ଥାନା : ................. ଜିଲ୍ଲା :.................... ପିନ ନଂ:.................

୭. ଜନ୍ମ ତାରିଖ : ................ ୮. ବୟସ(୦୧.୦୧.୨୦୧୮ ସୁଦ୍ଧା) : ................

୯. ଜାତୀୟତା : ................ ୧୦. ଜାତି : ................

୧୧. ଶିକ୍ଷାଗତ ଯୋଗ୍ୟତା : ................

୧୨. NPCBB ଅଧିନରେ ଗୋମିତ୍ର ଭାବେ ଯୋଗଦାନର ତାରିଖ : ................

୧୩. କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ସମୟ

୧୪. ଉଚ୍ଚତା : ................ ୧୫. ଅଣସମ୍ପ୍ରସାରିତ ଛାତିର ଚଉଡା(ଇଞ୍ଚରେ)

ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତସାରରେ ନିର୍ଭୁଲ ଓ ସତ୍ୟ ଅଟେ।

ସ୍ୱାକ୍ଷର

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :

୧. ଶିକ୍ଷାଗତ ଯୋଗ୍ୟତା ର ନକଲ, ୨. ବୟସର ପ୍ରମାଣପତ୍ର, ୩. ଜାତିଗତ ପ୍ରମାଣପତ୍ର, ୪. ଚରିତ୍ର ପ୍ରମାଣପତ୍ର(୨ ଜଣ ଗେଜେଟେଡ ଅଫିସରଙ୍କ ଦ୍ୱାରା ପ୍ରଦାନ), ୫. ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର, ୬. NPCBB ଅଧିନସ୍ଥ କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ୩ବର୍ଷ ବା ତତୋର୍ଦ୍ଧ୍ୱ ସମୟର ପ୍ରମାଣ ପତ୍ର(ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ଠାରୁ) ୭. ୨ଟି ଫୋଟ(ପାସପୋର୍ଟ ଆକାରର)

ସ୍ୱା:-

ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ବୌଦ୍ଧ